REDHAKHOL N.A.C

# ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ କାର୍ଯ୍ୟାଳୟ

ସମ୍ବଲପୁର, ଓଡିଶା

ଇ:ମେଲ-eonacrdl@gmail.com

ଦୂରଭାଷ: ୦୬୬୪୪ ୨୫୩୪୬୬ –

## ବିଜ୍ଞପ୍ତି ଶୁଦ୍ଧି ପତ୍ର

ପତ୍ର ସଂଖ୍ୟା -୨୪୪୬ ତାରିଖ – ୧୯.୧୦.୨୦୨୫

ରେଢ଼ାଖୋଲ ବିଜ୍ଞାପିତ ଅଂଚଳ ପରିଷଦର ପ୍ରକାଶିତ ହୋଇଥିବା ବିଜ୍ଞପ୍ତି ପତ୍ର ସଂଖ୍ୟା ୨୩୨୧ ତାରିଖ ୦୪.୧୦.୨୦୨୫ ରେ ନିମ୍ନମତେ ପରିବର୍ତ୍ତନ କରାଗଲା ।

ରେଢ଼ାଖୋଲରେ ନୂତନ ଭାବରେ ନିର୍ମାଣ ହୋଇଥିବା ଦୋକାନ ଗୃହ ଯାହାକି ତଳ ମହଲା ୬ ଟି ଗୃହ ଓ ଉପର ମହଲା ୮ ଟି ଗୃହ ନୂଆ ବସ ଷ୍ଟାଣ୍ଡ ଠାରେ ନିର୍ମାଣ ହୋଇଅଛି । ଏହା ମଧ୍ୟରୁ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ । ତଳ ମହଲା ରେ ଥିବା ୬ ଟି ଗୃହ ଏବଂ ଉପର ମହଲା ରୁ ୧ ଟି ଗୃହ ଟ୍ରେଡ ଲାଇସେନ୍ସ ଧାରୀ ଙ୍କ ପାଇଁ ଉଦ୍ଦିଷ୍ଟ । ଉପର ମହଲା ର ଅବଶିଷ୍ଟ ୬ ଟି ଗୃହ ସାଧାରଣ ଜନତା ଙ୍କ ପାଇଁ ଉଦ୍ଦିଷ୍ଟ, ଯାହାକି ଦୋକାନ ଗୃହ ମିଳିବାର ଏକ ମାସ ମଧ୍ୟରେ ଟ୍ରେଡ ଲାଇସେନ୍ସ କରିବା ବାଧ୍ୟତାମୂଳକ ଅଟେ । ବିଜ୍ଞପ୍ତି ର ଦୁଇ ନମ୍ବର ନିୟମ ଟି ପରିବର୍ତ୍ତନ ହୋଇ ଉଭୟ ଟ୍ରେଡ ଲାଇସେନ୍ସ କରିଥିବା ବ୍ୟକ୍ତି ଓ ଟ୍ରେଡ ଲାଇସେନ୍ସ କରି ନଥିବା ବ୍ୟକ୍ତି ମଧ୍ୟ ଆବେଦନ କରି ପାରିବେ । ବିଜ୍ଞପ୍ତି ର ୫ ନମ୍ବର ନିୟମ କୁ ଉଠାଇ ଦିଆଗଲା । ବିଜ୍ଞପ୍ତି ରେ ଦୋକାନ ଗୃହ ଆବେଦନ କରିବାର ସମୟ ସୀମା ଯାହାକି ୩୦.୧୦.୨୦୨୫ ରଖା ଯାଇଥିଲା ଏହାକୁ ପରିବର୍ତ୍ତନ କରି ୧୫.୧୧.୨୦୨୫ ତାରିଖ ଅପରାହ୍ନ ୫ ଘଟିକା ସମୟ ପର୍ଯ୍ୟନ୍ତ ରଖାଗଲା । ଫର୍ମ ଆବେଦନ ବାକ୍ସ କୁ ତା ୧୮.୧୧.୨୦୨୫ ରିଖ ୧୧ ଘଟିକା ସମୟରେ ଖୋଲାଯିବ। ସମସ୍ତ ଆବେଦନ କରିଥିବା ଫର୍ମ କୁ ନିୟମାନୁସରେ ଯାଞ୍ଚ କରାଯାଇ ଉପଯୁକ୍ତ ଫର୍ମ ଗୁଡିକୁ ପରବର୍ତ୍ତୀ ମୁହୂର୍ତ୍ତରେ ଲଟେରୀ କରାଯିବ ।

ଉପରୋକ୍ତ ନିୟମ ବ୍ୟତୀତ ପତ୍ର ସଂଖ୍ୟା ୨୩୨୧ ତାରିଖ ୦୪.୧୦.୨୦୨୫ ସାରଣୀ କ ରେ ଦିଆଯାଇଥିବା ଅନ୍ୟାନ୍ୟ ନିୟମ ଗୁଡିକ ବଳବତ୍ତର ରହିବ । ପ୍ରକାଶ ଥାଉ କି, ଦୋକାନ ଗୃହ ମିଳିଲା ପରେ ଦୋକାନ ମାଲିକ ଦୋକାନ ଗୃହ କୁ କୌଣସି ମତେ ଅନ୍ୟ କାହାକୁ ହସ୍ତାନ୍ତର କରି ପାରିବେ ନାହିଁ, ଯଦି ଅନ୍ୟ କାହାକୁ ହସ୍ତାନ୍ତର କରନ୍ତି କିମ୍ବା ଭଡା ସୂତ୍ରରେ ଦିଅନ୍ତି ତା ହେଲେ ନିମ୍ନ ସ୍ୱାକ୍ଷରକାରୀ ବିନା କୌଣସି ସୂଚନାରେ ତାଙ୍କ ଚୁକ୍ତି କୁ ନାକଚ କରିବା ର କ୍ଷମତା ରଖନ୍ତି ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

ଜ୍ଞାପକ ସଂଖ୍ୟା - ୨୪୬୦ ତାରିଖ – ୨୮/୧୦/୨୦୨୪

ଏହାର ଏକାକୀତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସମ୍ବଲପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

ଜ୍ଞାପକ ସଂଖ୍ୟା - ୨୪୬୧ ତାରିଖ – ୨୮/୧୦/୨୦୨୪

ଉପଜିଲ୍ଲାପାଳ ରେଢାଖୋଲ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେଢାଖୋଲ / ତହସିଲଦାର, ରେଢାଖୋଲ / ଥାନା ଭାରପ୍ରାପ୍ତ ଅଧିକାରୀ, ରେଢାଖୋଲ ଏବଂ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

ଜ୍ଞାପକ ସଂଖ୍ୟା -୨୪୬୨ ତାରିଖ – ୨୮/୧୦/୨୦୨୪

ଏହାର ଏକାକିତା ନକଲ DeGM, ସମ୍ବଲପୁର ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହା ସହିତ ଉକ୍ତ ବିଜ୍ଞପ୍ତି କୁ ଜିଲ୍ଲା ୱେବସାଇଟରେ ପ୍ରକାଶିତ କରିବା ପାଇଁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ